# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**24 June – 2024**

## ପାର୍ଲାମେଣ୍ଟ ସେସନ୍

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି । ଏହି ଅଧିବେଶନ କାଳରେ ନବ ନିର୍ବାଚିତ ସଦସ୍ୟମାନେ ଶପଥ ନେବେ। କାମଚଳା ବାଚସ୍ପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିଜେପିର ସାଂସଦ ଭର୍ତ୍ତୃହରି ମହତାବ ଏହି ଶପଥପାଠ କରାଇବେ। ଆସନ୍ତା ୨୬ ତାରିଖରେ ଲୋକସଭାର ବାଚସ୍ପତି ନିର୍ବାଚନ ହେବ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୭ ତାରିଖରେ ସଂସଦର ମିଳିତ ଅଧିବେଶନକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟସଭାର ଅଧିବେଶନ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି।

## କେନ୍ଦୁଝର- ମୁଖ୍ୟମନ୍ତ୍ରୀ

କେନ୍ଦୁଝରକୁ ରାଜ୍ୟର ଶ୍ରେଷ୍ଠ ଜିଲ୍ଲାରେ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଗତକାଲି କେନ୍ଦୁଝର ଷ୍ଟାଡିୟମ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ମାଝୀ କହିଛନ୍ତି, କେନ୍ଦ୍ର ସରକାର ଗଠନ କରିଥିବା ଜିଲ୍ଲା ଖଣିଜ ପାଣ୍ଠିରେ ୧୧ ହଜାର ୭୦୩ କୋଟି ଟଙ୍କା ଗଚ୍ଛିତ ରହିଛି । ଖଣି ଦୁର୍ନୀତିର ଜରିମାନା ବାବଦକୁ ପ୍ରାୟ ୧୨ ହଜାର କୋଟି ଟଙ୍କା ଆଦାୟ କରାଯାଇଛି । ଏସବୁକୁ ମିଶାଇଲେ କେନ୍ଦୁଝର ରାଜକୋଷରେ ଏବେ ପ୍ରାୟ ୨୫ ହଜାର କୋଟି

ଟଙ୍କା ଗଚ୍ଛିତ ରହିଛି । ସମସ୍ତଙ୍କ ମିଳିତ ଉଦ୍ୟମରେ ଜିଲ୍ଲାର ବିକାଶ କରାଯାଇ ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି କେନ୍ଦୁଝର ମାଟି ତଳେ ଲୁହାପଥର ଠାରୁ ଆରମ୍ଭ କରି ଡୋଲାମାଇଟ୍, କ୍ରୋମାଇଟ୍, ମାଙ୍ଗାନିଜ ଏପରିକି ସୁନା ରହିଛି । ତେଣୁ କେନ୍ଦୁଝରର ବିକାଶ ଲାଗି ତାଙ୍କ ସରକାର ଅଗ୍ରାଧିକାର ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଉପମୁଖ୍ୟମନ୍ତ୍ରୀ- ଅର୍ଥମନ୍ତ୍ରୀ

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗତକାଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଦିଲ୍ଲୀସ୍ଥିତ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ତାଙ୍କ ସହ ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂହଦେଓ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ସିଂ ରାଜ୍ୟରେ ନୂଆ ସରକାରଙ୍କ ଗଠନମୂଳକ ଆଭିମୁଖ୍ୟ ଉପରେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି ।

## ସ୍କୁଲ୍ ସ୍ୱାଭାବିକ

ରାଜ୍ୟରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଆଜିଠାରୁ ପାଠପଢ଼ା ସ୍ୱାଭାବିକ ହୋଇଛି । ସୋମବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସ୍କୁଲ୍ ଚାଲିବ । ଶନିବାର ସକାଳ ୭ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ପାଠପଢ଼ା ହେବ ବୋଲି ସ୍କୁଲ୍ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି ।

ଗ୍ରୀଷ୍ମ ଅବକାଶ ପରେ କେତେକ ଜିଲ୍ଲାରେ ୧୮ ତାରିଖରେ ସ୍କୁଲ୍ ଖୋଲିଥିଲା । ମାତ୍ର ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ

ପକ୍ଷରୁ ୨୧ତାରିଖ ଯାଏଁ ସ୍କୁଲ୍ ସମୟରେ ପରିବର୍ତ୍ତନ କରାଯାଇଥିଲା । ପାଣିପାଗ ସ୍ଥିତିରେ ପରିବର୍ତ୍ତନ ହେବା ପରେ ବିଦ୍ୟାଳୟଗୁଡ଼ିକୁ ସ୍ୱାଭାବିକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

---

## +୩ ନାମଲେଖା

ରାଜ୍ୟରେ ଯୁକ୍ତ ୩ ର ପ୍ରଥମ ଚୟନ ତାଲିକା ଆସନ୍ତାକାଲି ପ୍ରକାଶ ପାଇବ । ଏହି ପର୍ଯ୍ୟାୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀ ୨୬ରୁ ୨୯ ତାରିଖ ମଧ୍ୟରେ ନାମ ଲେଖାଇ ପାରିବେ । ସେହିଭଳି ଜୁଲାଇ ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପାଇଁ ଚୟନ ତାଲିକା ପ୍ରକାଶ ପାଇବ । ଏ ସଂକ୍ରାନ୍ତରେ **www.samsodisha.gov.in** ରେ ସୂଚନା ଉପଲବ୍ଧ ହେଉଛି ।

## ଅଲାରନାଥ ଦର୍ଶନ

ଶ୍ରୀମନ୍ଦିରରେ ଦାରୁବ୍ରହ୍ମଙ୍କ ଅଣସର ସେବା ଆରମ୍ଭ ହୋଇଛି । ଏହି ସମୟରେ ପଟିଦିଅଁଙ୍କ ପୂଜାର୍ଚ୍ଚନା କରାଯାଉଛି । ମଙ୍ଗଳ ଆଳତୀ, ଅବକାଶ, ଗୋପାଳବଲ୍ଲଭ ଓ ସକାଳ ଧୂପ, ଭୋଗ ମଣ୍ଡପ ସହ ମଧ୍ୟାହ୍ନ ଧୂପ ଆଦି ନୀତି ଅନୁଷ୍ଠିତ ହେଉଛି । ମହାପ୍ରଭୁ ଜଗନ୍ନାଥଙ୍କ ସ୍ଥାନରେ ଶ୍ରୀ ନାରାୟଣ, ଦେବୀ ସୁଭଦ୍ରାଙ୍କ ସ୍ଥାନରେ ଭୁବନେଶ୍ୱରୀ ଓ ବଡ଼ଠାକୁର ଶ୍ରୀ ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବଙ୍କୁ ପଟିଦିଅଁ ଭାବେ ପୂଜା କରାଯାଉଛି ।

ଅନ୍ୟପକ୍ଷରେ ଅଣସର ଦର୍ଶନର ପ୍ରଥମ ଦିନରୁ ଶ୍ରଦ୍ଧାଳୁମାନେ ଅଲାରନାଥଙ୍କୁ ଦର୍ଶନ କରୁଛନ୍ତି ।

## ଏଲ୍ଏଲ୍ବି ପାଠ୍ୟକ୍ରମ ନାମଲେଖା

ରାଜ୍ୟରେ ୩ ବର୍ଷିଆ ଏଲ୍.ଏଲ୍.ବି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଆସନ୍ତାକାଲିଠାରୁ ଅନ୍‌ଲାଇନ୍‌ରେ ଆବେଦନ ଆରମ୍ଭ ହେବ । ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତାମାସ ୧୧ ତାରିଖ ସୁଦ୍ଧା ସାମ୍‌ସ ପୋର୍ଟାଲ୍‌ରେ ଏଥିପାଇଁ ଆବେଦନ କରିପାରିବେ ।

## ଜଣ୍ଡିସ୍

ସମ୍ବଲପୁର ସହରରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୭୪କୁ ବୃଦ୍ଧି ପାଇଛି । ଜଣ୍ଡିସ୍ ରୋଗକୁ ପ୍ରତିହତ କରିବା ପାଇଁ ପ୍ରତିଦିନ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଘରକୁ ଘର ବୁଲି ସର୍ଭେ କରୁଥିବା ଜଣାପଡ଼ିଛି । ସେହିଭଳି ପ୍ରଶାସନ ପକ୍ଷରୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି ।

## ହ୍ୱିଲ୍ ଚେୟାର କପ୍

ଫ୍ରାନ୍ସରେ ଅନୁଷ୍ଠିତ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଫେନ୍‌ସିଙ୍ଗ୍ ସେଟେଲାଇଟ୍ କପ୍‌ରେ ଓଡ଼ିଶାର ରାଖାଲ କୁମାର ସେଠୀ ରୌପ୍ୟ ପଦକ ହାସଲ କରିଛନ୍ତି । ବ୍ୟକ୍ତିଗତ ଇଭେଟ୍‌ରେ ରାଖାଲ୍ ୫ ପୁଲ୍ ମ୍ୟାଚରୁ ୩ଟି ଜିତି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଥିଲେ । ତେବେ ଫାଇନାଲ୍‌ରେ ଫ୍ରାନ୍ସର ଖେଳାଳିଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଛନ୍ତି ।

# ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର ସମସ୍ତ ଜିଲ୍ଲାକୁ ସ୍ପର୍ଶ କରିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ଏହାର ପ୍ରଭାବରେ ଗତକାଲି ଅଧିକାଂଶ ଜିଲ୍ଲାରେ ବର୍ଷା ହୋଇଯାଇଛି । ଭଦ୍ରକର ଚାନ୍ଦବାଲିରେ ସର୍ବାଧିକ ୩୧ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ ହୋଇଛି । ସୂଚନା ଅନୁସାରେ ଆସନ୍ତା ବୁଧବାର ଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।